ଧରିତ୍ରୀ
DHARITRI
ଶନିବାର, ୧୨ ଫେବୃୟାରୀ, ୨୦୨୨

**ଚିଟ୍ ଫଣ୍ଡ କ୍ଷତିଗ୍ରସ୍ତଙ୍କ ଦାବି ପତ୍ର**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳର ବହୁ ଲୋକ ବିଭିନ୍ନ ଚିଟ୍ ଫଣ୍ଡ ସଂସ୍ଥାରେ ଟଙ୍କା ରଖି ଠକାମୀର ଶିକାର ହୋଇଛନ୍ତି। ଶୁକ୍ରବାର କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ପାଟଣା ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ଲମ୍ବୋଦର ମହାନ୍ତ,ବୈରାଗୀ ରଣା, କୃପାସିନ୍ଧୁ ମହାନ୍ତ ଓ ସୁବୁଦ୍ଧି ବେଜ ପ୍ରମୁଖ ଏହି ଦାବି ପତ୍ର ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ରାଜନୈତିକ ହିଂସାରୁ ସଂଘବଦ୍ଧ ଆକ୍ରମଣ: ଜଣେ ଗିରଫ

ଭଦ୍ରକ ଅଫିସ,୧୧।୨-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତର ବାରବାଟିଆ ଶୁଣ୍ଡିସାହିରେ ଗୁରୁବାର ଅପରାହ୍ନରେ ରାଜନୈତିକ ହିଂସା ଘଟିଛି। ସଂଘବଦ୍ଧ ଆକ୍ରମଣରେ ବିଶ୍ୱନାଥ ପରିଡ଼ା ନାମକ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ନେଇ ପୀରହାଟ ପୋଲିସ ୨ଟି ମାମଲା ରୁଜୁ କରି ସୁଶାନ୍ତ ଜେନା ନାମକ ଯୁବକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ଦୁଇପକ୍ଷଙ୍କ ମଧ୍ୟରେ ବାକ୍‌ବିତଣ୍ଡା ଓ ସାମୟିକ ଗଣ୍ଡଗୋଳକୁ ନେଇ ବିଶ୍ୱନାଥ ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ ମଧ କରିଥିଲା। ସେ ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ଅପରପକ୍ଷରୁ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବାପା ଅଭିମନ୍ୟୁଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା(ନଂ.୧୯/୨୨) ରୁଜୁ କରିଛି। ଅପରପକ୍ଷରୁ ପ୍ରତିମା ଜେନାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅନ୍ୟ ଏକ ମାମଲା(ନଂ.୨୦/୨୨) ରୁଜୁ କରିଛି। ତାଙ୍କ ସ୍ୱାମୀ ପ୍ରଶାନ୍ତ ଜେନା ଘରକୁ ଫେରୁଥିବା ବେଳେ ଅପରପକ୍ଷ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି।

### ବ୍ୟାସଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ

ଭଦ୍ରକ ଅଫିସ, ୧୧।୨-ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ଶୁକ୍ରବାର ପୂର୍ବତନ ସମ୍ପାଦକ ପୁଣ୍ୟାତ୍ମା ଈଶ୍ୱରଲାଲ ବ୍ୟାସଙ୍କ ୫୩ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ପରମାନନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ପ୍ରାଧାପିକା ଝରଣା ପଟ୍ଟନାୟକ, ଡା. କିରଣ କୁମାର ଗୁଇଁ ଯୋଗଦେଇ ସ୍ୱର୍ଗତ ବ୍ୟାସଙ୍କ ସମାଜସେବା, ସ୍ୱାଧୀନତା ସଂଗ୍ରାମରେ ଅନନ୍ୟ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବ୍ୟାସଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ସମ୍ପାଦକ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସଙ୍ଗୀତ ଗୁରୁ ରାମନାରାୟଣ ପଣ୍ଡାଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ପ୍ରଜ୍ଞା ଦାସ ଓ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଭଜନ ଗାନ କରାଯାଇଥିଲା। ଅଧୀକ୍ଷକ ହୃଷୀକେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବଙ୍ଗାଳପୁରରେ ପର୍ଯ୍ୟଟନ ମନ୍ତ୍ରୀଙ୍କ ପ୍ରଚାର



ସିମୁଳିଆ, ୧୧।୨(ଡି.ଏନ.ଏ.)
ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିଥିଲେ। ଏହି ଅବସରରେ ଦଳୀୟ କର୍ମୀ ଓ ସମର୍ଥକମାନେ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କୁ ସାଥିରେ ଧରି ବଙ୍ଗାଳପୁର ପଞ୍ଚାୟତର ୧୧ଟି ୱାର୍ଡ଼ରେ ମୋଟର ସାଇକେଲ ରାଲି କରିଥିଲେ । ପରେ ବଙ୍ଗାଳପୁର ହରିହାଟ ପଡ଼ିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯୁବକର୍ମୀ ଉପେନ୍ଦ୍ର ମଲିକଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ପର୍ଯ୍ୟଟନ ମନ୍ତ୍ରୀଙ୍କ ସମେତ ୧୧ଟି ୱାର୍ଡ଼ର ୱାର୍ଡ଼ସଭ୍ୟ ପ୍ରାର୍ଥୀ, ସରପଞ୍ଚ ପ୍ରାର୍ଥୀ ଅମର ପତି, ଜିଲା ପରିଷଦ ପ୍ରାର୍ଥୀ କ୍ଷୀତିଶ କୁମାର ମହାନ୍ତି ଓ ସମିତିସଭ୍ୟ ପ୍ରାର୍ଥିନୀ କଟି ସିଂ ଯୋଗ ଦେଇଥିଲେ। ବଙ୍ଗାଳପୁର ପଞ୍ଚାୟତକୁ ଜିଲାରେ ୧ନଂ. ହେବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସମସ୍ତ ପ୍ରାର୍ଥୀ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ଜିଲା ପରିଷଦ ପ୍ରାର୍ଥୀ କ୍ଷୀତିଶ କୁମାର ମହାନ୍ତି ଦଳୀୟ ବିଜେଡି ଏକ ଶାନ୍ତି ଶୃଙ୍ଖଳାର ଦଳ ବୋଲି କହିଥିଲେ। ସେହିପରି ସରପଞ୍ଚ ପ୍ରାର୍ଥୀ ଅମର ପତି ପଞ୍ଚାୟତ ପାଇଁ ଯଦି ମୁଁ କିଛି କରିଛି ବା ଉପଯୁକ୍ତ ପ୍ରାର୍ଥୀ ବୋଲି ଭାବୁଥାନ୍ତି ତେବେ ମୋତେ ଭୋଟ ଦିଅନ୍ତୁ ବୋଲି କହିଥିଲେ।

# ପ୍ରତିଶ୍ରୁତିରେ ଅଟକିଛି ବିକାଶ

ଭଦ୍ରକ ଅଫିସ,୧୧।୨

ପ୍ରତିଶ୍ରୁତିରେ ଅଟକିଛି ଘାଟ ଓ ପୋଲର ବିକାଶ। କେବଳ ନିର୍ବାଚନ ଆସିଲେ ନେତାଙ୍କ ପ୍ରତିଶ୍ରୁତି ହିଁ ସାର। ନିର୍ବାଚନ ସରିଲେ ଘାଟର ଅବସ୍ଥା କଥାକୁ ଗୁରୁତ୍ୱ ଦିଆଯାଉ ନାହିଁ। କେଉଁଠି ଦଉଡ଼ିରେ ବନ୍ଧା ଯାତ୍ରୀଙ୍କ ଜୀବନ ତ ଆଉ କେଉଁଠି ଆପ୍ରୋଚ୍ ରୋଡ୍ ନ ଥିବା ଯୋଗୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପୋଲ ଲୋକଙ୍କ କାମରେ ଆସୁନି। ଭଦ୍ରକ ଜିଲା ବାସୁଦେବପୁର ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ଏଭଳି ସମସ୍ୟା ଲାଗି ରହିଛି। ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ମନ୍ତେଇ ନଦୀର ଚାରବାଟିଆ ଘାଟ ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକକୁ ଯୋଗାଯୋଗ କରୁଛି। କିନ୍ତୁ ଏଠାରେ ପୋଲ ନ ଥିବା ଯୋଗୁ ଚାନ୍ଦବାଲିକୁ ବାସୁଦେବପୁର ଓ ତିହିଡ଼ି, ଚୌଧୁରୀ ଘାଟରେ ପୋଲ ନ ଥିବାରୁ ଧାମରାକୁ ଚାନ୍ଦବାଲି ଯୋଗାଯୋଗ ହୋଇପାରୁ ନାହିଁ। ଏହି ନଦୀର ମାଟିଆସାହି ଘାଟଠାରେ ପୋଲ ନିର୍ମାଣ ସତ୍ତ୍ୱେ ଆପ୍ରୋଚ୍ ରୋଡ୍ ନ ଥିବା କାରଣରୁ ବାସୁଦେବପୁର-ତିହିଡ଼ି ବ୍ଲକକୁ ଯୋଗାଯୋଗ ହୋଇପାରୁ ନାହିଁ। ଦୋହରାସାହି ଘାଟରେ ଅନୁରୂପ ସମସ୍ୟା।

ସେହିଭଳି ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଞ୍ଚୁଟିକିରି ଘାଟରେ ଜୁଆରିଆ ବୈତରଣୀ, ମନ୍ତେଇ ଓ ବ୍ରାହ୍ମଣୀ ନଦୀ ପାଣିରେ ଲୋକେ ବିପଦପୂର୍ଣ୍ଣ ଜଳଯାତ୍ରା କରୁଛନ୍ତି। ଏଠାରେ କୁମ୍ଭୀର ଭୟ ସଦାସର୍ବଦା ଲାଗି ରହିଛି। ଏପରିକି ବିଗତ ବର୍ଷଗୁଡ଼ିକରେ କୁମ୍ଭୀର ମୁହଁରେ ୪ରୁ ୫ ଜଣଙ୍କ ଜୀବନ ଯାଇଥିବା ନଜିର ରହିଛି। ଅନୁରୂପ ତିନିତର ଘାଟରେ ପୋଲ ନାହିଁ। ଏଥିଯୋଗୁ ଚାନ୍ଦବାଲି, ଆରଡ଼ି



ଚାରବାଟିଆ ଘାଟ ପାର ହେଉଛନ୍ତି ଲୋକେ।

ଓ କେନ୍ଦ୍ରାପଡ଼ା ସହ ଯୋଗାଯୋଗ ହୋଇପାରୁ ନାହିଁ। ଫଳରେ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଆରଡ଼ିକୁ ଯୋଗାଯୋଗ ସମ୍ଭବ ହେଉନାହିଁ। ଏଭଳି ସମସ୍ୟା ସତ୍ତ୍ୱେ ଜିଲା ପ୍ରଶାସନ ସମସ୍ତ ଘାଟର ବିକାଶ ଦିଗରେ ପଦକ୍ଷେପ ନେଉନାହିଁ।

ଅନ୍ୟପକ୍ଷେ ରାଜନୈତିକ ନେତୃବୃନ୍ଦଙ୍କ ଇଚ୍ଛାଶକ୍ତି ଅଭାବରୁ

■ହେଉନି ଘାଟର ଉନ୍ନତି କି ପୋଲ ନିର୍ମାଣ
■ବିପଦପୂର୍ଣ୍ଣ ଜଳଯାତ୍ରା କରୁଛନ୍ତି ଲୋକେ

ପୋଲ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏପରିକି ଅଞ୍ଚଳକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ନିକଟରେ ଲୋକେ ନିର୍ବାଚନ ପ୍ରଚାର ବେଳେ ବିଧାୟକଙ୍କୁ ଘେରିଯାଇ ପ୍ରତିବାଦ ଜଣାଇଥିଲେ। କେବଳ ନିର୍ବାଚନ ଆସିଲେ ରାଜନେତାମାନେ ସଭା ସମିତିରେ ପୋଲ ନିର୍ମାଣ ଏପରିକି ଫଳକ ବସାଇ ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଉଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଟେଣ୍ଡର ପ୍ରକ୍ରିୟା ସରିଛି, ଖୁବ୍‌ଶୀଘ୍ର ବିଭିନ୍ନ ଘାଟର ବିକାଶ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ଅସନ୍ତୁଷ୍ଟଙ୍କୁ ମନାଇବାକୁ ଭାଜପା-ବିଜେଡି ତତ୍ପର



ସସ୍ମିତାରାଣୀ ସାମଲ। କମଳଲୋଚନ ପଣ୍ଡା।

ବାହାନଗା, ୧୧।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉନ୍ତୁ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ୪ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାଜପା ସମର୍ଥିତ ପ୍ରାର୍ଥୀ ସସ୍ମିତାରାଣୀ ସାମଲ ଭୋଟରମାନଙ୍କ ଆଶୀର୍ବାଦ ନେଇ ମନାଇବାକୁ ଉଦ୍ୟମ କରୁଛନ୍ତି। ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ କମଳଲୋଚନ ପଣ୍ଡା ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଦୁଇଜଣଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବାର ଅନୁମାନ କରାଯାଉଛି। ବିଜେଡିର କିଛି ଅସନ୍ତୁଷ୍ଟ ଗୋଷ୍ଠୀ ଭାଜପା ସମର୍ଥିତ ପ୍ରାର୍ଥୀ ସସ୍ମିତାରାଣୀ ସାମଲଙ୍କୁ ସହଯୋଗ କରୁଥିବାରୁ ସେ ବିଜୟୀ ହେବା ପାଇଁ ଆଶା ବାନ୍ଧିଛନ୍ତି। ତେବେ କମଳଲୋଚନ ପଣ୍ଡା କିଛି ମାତ୍ରାରେ ଅସନ୍ତୁଷ୍ଟମାନଙ୍କୁ ନିଜ ଆଡକୁ ମନାଇ ନେଇଥିବା ବେଳେ କଂଗ୍ରେସ କର୍ମୀଙ୍କ ଭୋଟ ତାଙ୍କ ସପକ୍ଷରେ ଯିବ ବୋଲି ଆଶା ରଖି ପ୍ରଚାରକୁ ଜୋରଦାର କରୁଛନ୍ତି । ଏହି ପଞ୍ଚାୟତରେ ୬ହଜାର ୪ଶହ ୫୧ ଭୋଟର ମତ ସାବ୍ୟସ୍ତ କରିବେ।

## ଅବହେଳା ପ୍ରତିବାଦରେ ଭଞ୍ଜସେନାର ହରତାଳ




ରାସଗୋବିନ୍ଦପୁର ନରଙ୍ଗାବାଜଠାରେ ରେଳଧାରଣାରେ ଭଞ୍ଜସେନା କର୍ମକର୍ତ୍ତା ହରତାଳ କରୁଛନ୍ତି।

ରାସଗୋବିନ୍ଦପୁର/ରାଇରଙ୍ଗପୁର, ୧୧।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାକୁ କେନ୍ଦ୍ର ସରକାରଙ୍କ ରେଳୱେ ବିଭାଗର କ୍ରମାଗତ ଅବହେଳା ପ୍ରତିବାଦରେ ଜିଲାର ଅଣରାଜନୈତିକେ ଯୁବ ଛାତ୍ର ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ରାସଗୋବିନ୍ଦପୁର ବ୍ଲକ ନରଙ୍ଗାବାଜଠାରେ ହରତାଳ କରାଯାଇଛି। ଭଞ୍ଜସେନାର ସଦସ୍ୟମାନେ ରେଳ ଲାଇନ ଉପରେ ବସି ପ୍ରତୀକ ପ୍ରତିବାଦ ଜଣାଇଥିଲେ। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ବିରୋଧରେ ସେମାନେ ନାରାବାଜି କରିଥିଲେ। ଜିଲାର ବିକାଶ ପାଇଁ ଆବଶ୍ୟକ ପଡ଼ିଲେ ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରୀମାନଙ୍କୁ ବିରୋଧ କରାଯିବ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି।

ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ହରତାଳ କରାଯାଇଥିବା ବେଳେ ରେଳୱେ ଏବଂ ରାସଗୋବିନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରତିବାଦ ସଭାରେ ଭଞ୍ଜସେନାର ଜିଲା ସଭାପତି ପିଣ୍ଟୁ ମାଇତି, ଉପାଧ୍ୟକ୍ଷ ନିମାୟ ତ୍ରିପାଠୀ, ଓବିସି ସେଲ୍ ସଭାପତି ରାକେଶ ବେହେରା, ମହିଳା ସଭାପତି ଚନ୍ଦନା ଦାସ, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଯୁବ ସଭାପତି ମାନସ ବେହେରା, ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି, ବ୍ଲକ ସଭାପତି ପଦ୍ମଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ବିକାଶ ଲାଗି ଭଞ୍ଜସେନା ପକ୍ଷରୁ କରାଯାଇଥିବା ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଥିଲା। ଏହି ଦାବି ସରକାରଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ରାସଗୋବିନ୍ଦପୁର ତହସିଲଦାର ନିର୍ଲିପ୍ତା ମହାନ୍ତି କହିଛନ୍ତି।

ସେହିପରି ଗୋରୁମହିଷାଣୀ-ବାଙ୍ଗିରିପୋଷି ଓ ବାଦାମପାହାଡ଼- କେନ୍ଦୁଝର ମଧ୍ୟରେ ରେଳ ଲାଇନ ନିର୍ମାଣ ଦାବିରେ ଭଞ୍ଜସେନା ପକ୍ଷରୁ ରାଇରଙ୍ଗପୁର ଷ୍ଟେଶନଠାରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନର ଜିଲା ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଉପାଧ୍ୟକ୍ଷ ମହମ୍ମଦ ଖାନ ପ୍ରମୁଖଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାଇରଙ୍ଗପୁର ସହରରେ ଶୋଭାଯାତ୍ରା ସହ ଷ୍ଟେଶନରେ ବିକ୍ଷୋଭ କରିଥିଲେ। ପରେ ଦକ୍ଷିଣ ପୂର୍ବ ରେଲୱେର ଜେନରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନ ବରାଳ, ରମଜାନ ବେଗ, ମୋହିତ ବିଶୋଇ, ଲକ୍ଷ୍ମଣ ଟୁଡୁ ପ୍ରମୁଖ ଶତାଧିକ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ।

## ୩ନଂ. ଜୋନ୍‌ରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

ଖଇରା, ୧୧।୨(ଡି.ଏନ.ଏ.)

**ଶ୍ରମିକ ସମସ୍ୟା ସୁଧାରିବାକୁ ପ୍ରତିଶ୍ରୁତି**

ବାଲେଶ୍ୱର ଜିଲା ଖଇରା ବ୍ଲକ ୩ନଂ. କୁପାରୀ ଜୋନରେ ଭାଜପା ପ୍ରାର୍ଥୀ ଗଜେନ୍ଦ୍ର ପ୍ରସାଦ ଦାସ ମାରାଥନ ପ୍ରଚାର କରି ଅନ୍ୟ ପ୍ରାର୍ଥୀମାନଙ୍କୁ ପଛରେ ପକାଇ ଦେଇଛନ୍ତି । ଶୁକ୍ରବାର ସେ ସାରକୋଣା ପଞ୍ଚୟତର ସରପଞ୍ଚ ପ୍ରାର୍ଥୀ ଜୟନ୍ତ କୁମାର ନାୟକ ଓ ସମିତିସଭ୍ୟ ପ୍ରାର୍ଥୀ ପ୍ରଦୀପ କୁମାର ଦାସଙ୍କ ସହ ବିଭିନ୍ନ ଗ୍ରାମ ପରିକ୍ରମା କରି ସ୍ୱର୍ଣକାତର ପ୍ରସଙ୍ଗ ଉଠାଇଥିଲେ । ବିଶେଷ କରି ତାଙ୍କୁ ପ୍ରତିନିଧିତ୍ୱ ମିଳିଲେ ବର୍ତ୍ତମାନ ଖଣି ଅଞ୍ଚଳରେ ଲାଗି ଶ୍ରମିକ ସମସ୍ୟା ସୁଧାରିବାକୁ ପ୍ରାଥମିକତା ଦେବେ ବୋଲି କହିଥିଲେ । ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇବାକୁ ସେ ଗୁରୁତ୍ୱ ଦେବେ ବୋଲି ଦୃଢ ପ୍ରତିଶ୍ରୁତି ଦେଇଥିଲେ । ପ୍ରଥମେ ସୋଜାଗଡ, ପରେ ଝିଙ୍କିରିଆ, ଭଦଳି ଓ ସାରକୋଣାରେ ପଥପ୍ରାନ୍ତ ସଭା କରି ତାଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ । ତାଙ୍କ ସହ ଭାଜପା କର୍ମୀ ମାୟାଧର କୁଅଁର, ମଞ୍ଜୁଲତା ମହାପାତ୍ର, କୁନା ମହାନ୍ତି, ରମେଶ ଦାସ, ମଦନ ବେହେରା, ତପନ ପାଢୀ, ଗଙ୍ଗାଧର ସାହୁ, ବିଜୟ ନାୟକ, ରଘୁ ମହାରଣା ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ ।

## ଦେଶୀମଦ ଜବତ, ୨ ଗିରଫ

ବାରିପଦା ଅଫିସ,୧୧।୨

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବେଣାଗଡ଼ିଆ ଓ ସଉରୀ ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରିଛି। ଏଥିସହ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପୁର ଗ୍ରାମର ହୀରା କିସ୍କୁ ଓ ସଉରୀ ଗ୍ରାମର ବୁଧୁନୀ ଟୁଡୁ। ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ଏହି ଚଡାଉ କରାଯାଇଥିଲା।

## ଦୁଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର




ଏମ୍ଓୟୁ ସ୍ୱାକ୍ଷର ଅବସରରେ ଉପସ୍ଥିତ ଦୁଇ ବିଶ୍ୱବିଦ୍ୟାଳୟର କୁଳପତି ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୧୧।୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଝାଡ଼ଖଣ୍ଡ କୋଲହାନ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ସାମାଜିକ, ସାଂସ୍କୃତିକ ତଥା ଶୈକ୍ଷିକ ଆଦାନପ୍ରଦାନ ଲାଗି ଶୁକ୍ରବାର ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଏହି ସ୍ୱାକ୍ଷରନାମା ବିଭିନ୍ନ ଦିଗରୁ ଅନେକ ସୁଯୋଗ ସୃଷ୍ଟି କରିବ ବୋଲି ଉଭୟ ବିଶ୍ୱବିଦ୍ୟାଳୟର କୁଳପତି ଆଶାବାଦୀ ଅଛନ୍ତି।

ଏମ୍ଓୟୁ ସ୍ୱାକ୍ଷର ବେଳେ କୋଲ୍‌ହାନ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା, କୁଳସଚିବ ଜୟନ୍ତ ଶେଖର ଓ ଏମ୍ଓୟୁର ସଂଯୋଜକ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ଏମ୍ଓୟୁ ସଂଯୋଜକ ପ୍ରଫେସର ଅନୀଲ କୁମାର ମହାପାତ୍ର, କୁଳସଚିବ କୁଙ୍କୁମୀନା ଦାସ ପ୍ରମୁଖଙ୍କ ସମେତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଧାପିକା, ଅଧାପକବୃନ୍ଦ ଉପସ୍ଥିତ ଥିଲେ। ଏମ୍ଓୟୁ ଦ୍ୱାରା ବିଶେଷତଃ ଗୁଣାତ୍ମକ ମୂଲ୍ୟବୋଧ ଭିତ୍ତିକ ଗବେଷଣା, ଆନ୍ତଃବିଦ୍ୟାମୂଳକ ଅଧ୍ୟୟନ ଓ ବିଦ୍ୟାର୍ଥୀମାନଙ୍କର ପାରସ୍ପରିକ ଜ୍ଞାନବିନିମୟ ସଙ୍ଗଠିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।

## ଟାଟା ଷ୍ଟିଲର ସଡ଼କ ସୁରକ୍ଷା ସଚେତନତା ରାଲି

ଯୋଡ଼ା,୧୧।୨(ଡି.ଏନ.ଏ.)

୩୩ତମ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଟାଟା ଷ୍ଟିଲ ଯୋଡ଼ା ବ୍ରିଗେଡ ସେଣ୍ଟ ଜନ ଆମ୍ବୁଲାନ୍ସର ସହଯୋଗରେ ଟାଟା ଷ୍ଟିଲ ଫେରୋ ଆଲୟେଜ କାରଖାନା ପକ୍ଷରୁ ଶୁକ୍ରବାର ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଯୋଡାସ୍ଥିତ ଧରଣୀଧର ଛକଠାରୁ ଏହି ରାଲି ଆରମ୍ଭ ହୋଇ ଏଫଏପିଠାରେ ସମାପ୍ତ ହୋଇଥିଲା। ଏଥିରେ ଟାଟା ଷ୍ଟିଲ ଫେରୋ ଆଲୟେଜ କାରଖାନା କର୍ମଚାରୀମାନଙ୍କ ସହିତ ଟାଟା ଷ୍ଟିଲ ଯୋଡ଼ା ବ୍ରିଗେଡ୍ ସେଣ୍ଟ ଜନ ଆମ୍ବୁଲାନ୍ସର ଅଧିକାରୀ ଓ ଠିକା କର୍ମଚାରୀଙ୍କ ସମେତ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଡ଼ା ଏଫଏପି ମୁଖ୍ୟ ସର୍ବେଶ୍ୱର ନାୟକ, ଥାନା ଏଏସଆଇ. ଅଜୟ ପ୍ରତାପ ମୁଣ୍ଡ, ସୁରକ୍ଷା ମୁଖ୍ୟ ଅଜୟ ଠାକୁର, ଏଫଏପି ସୁରକ୍ଷା ପରିଚାଳକ ଚନ୍ଦନ ପ୍ରସାଦ ଦାସ, ବ୍ରିଗେଡ ସେଣ୍ଟ ଜନ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ସୁପିଲ କୁମାର ସାମଲ, ଡିଭିଜନାଲ କମାଣ୍ଡର ପି. ଭେଙ୍କଟ ରାଓ, ସେଣ୍ଟ ଜନ ଆମ୍ବୁଲାନ୍ସର ଅଧିକାରୀ ସଞ୍ଜୟ କୁମାର ମହାନ୍ତି ଓ ସରୋଜ ସାହୁଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଛୁଆ ଅଜଗର ଉଦ୍ଧାର

ଯୋଡ଼ା,୧୧।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଗ୍ରୀଡକୋ ପାୱାର ସବଷ୍ଟେଶନ ନିକଟରୁ ବନ ବିଭାଗ ଅଢ଼େଇ ଫୁଟ ଲମ୍ବର ଏକ ଛୁଆ ଅଜଗର ସାପକୁ ଉଦ୍ଧାର କରିଛି। ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ଗ୍ରୀଡକୋ ନିକଟସ୍ଥ ଏକ ଅଟୋ ସର୍ଭିସ ସେଣ୍ଟରର କର୍ମଚାରୀମାନେ ଦୋକାନ ଖୋଲିବାକୁ ଯାଉଥିବା ବେଳେ ସେଠାରେ ଏହି ଅଜଗରକୁ ଦେଖିଥିଲେ। ତାକୁ ଏକ ପ୍ଲାଷ୍ଟିକ ଡବାରେ ରଖି ଯୋଡ଼ା ବନପାଳଙ୍କୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଫରେଷ୍ଟଗାର୍ଡ ନୀଲମ ଦୁବେ ଘଟଣାସ୍ଥଳକୁ ଯାଇ ଅଜଗରକୁ ଉଦ୍ଧାର କରି ବୈତରଣୀ ସଂରକ୍ଷିତ ମନମରା ଜଙ୍ଗଲରେ ଛାଡ଼ି ଦେଇଥିଲେ। ଅଜଗରର ଓଜନ ୫୦୦ଗ୍ରାମ ଓ ବୟସ ପ୍ରାୟ ୬ ମାସ ହେବ ବୋଲି ବନପାଳ ପଣ୍ଡା କହିଛନ୍ତି।

## 'ଦାବି ନ ମାନିଲେ ଆନ୍ଦୋଳନ'

ବାଲେଶ୍ୱର ଅଫିସ, ୧୧।୨

**କଂଗ୍ରେସ ନେତାଙ୍କୁ ଆକ୍ରମଣ ଘଟଣା**

ବାଲେଶ୍ୱର ଜିଲା ସୋରର ପୂର୍ବତନ ବିଧାୟକ ସୁରେନ୍ଦ୍ର ପରମାଣିକଙ୍କୁ ବର୍ତ୍ତମାନର ବିଧାୟକ ତଥା କର୍ମୀମାନେ ଆକ୍ରମଣ ଘଟଣାକୁ କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି ନିନ୍ଦା କରିବା ସହ ବିଜେଡିର ଏଭଳି ଅଶୋଭନୀୟ କାର୍ଯ୍ୟକଳାପ ଉପରେ ବର୍ଷିଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରି ଆସନ୍ତା ୪୮ଘଣ୍ଟା ମଧ୍ୟରେ ବିଧାୟକ ନିଃସର୍ତ୍ତ କ୍ଷମାପ୍ରାର୍ଥନା ନ କଲେ କଂଗ୍ରେସର ସମସ୍ତ ଛାମୁଆ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି ଚେତାବନୀ ଦେଇଛନ୍ତି।

ଗତ ୯ ତାରିଖରେ ବିଧାୟକ ପର୍ଶୁରାମ ଧଡା କର୍ମୀଙ୍କ ସହ ପ୍ରଚାରରେ ଅନନ୍ତପୁର ଆସିଥିଲେ। ପୂର୍ବତନ ବିଧାୟକ ପରମାଣିକ ତାଙ୍କୁ ଅଟକାଇ ଉନ୍ନୟନ ମୂଳକ କାର୍ଯ୍ୟ ଲାଗି 'ମୁଖ୍ୟମନ୍ତ୍ରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡ'ରୁ ମଞ୍ଜୁର ହୋଇଥିବା ୧କୋଟି ୩୩ ଲକ୍ଷ ଟଙ୍କାର କାର୍ଯ୍ୟ ସମ୍ପର୍କରେ ପଚାରିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ବିଧାୟକ ଧଡାଙ୍କ ଉପସ୍ଥିତିରେ କର୍ମୀମାନେ ପରମାଣିକଙ୍କୁ ଠେଲାପେଲା କରିଥିଲେ। ଏନେଇ ପରମାଣିକ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପରମାଣିକ, ବାହାନଗା ବ୍ଲକ ସଭାପତି ମଧୁସୂଦନ ମହାପାତ୍ର, ଜିଲା କଂଗ୍ରେସ ସମ୍ପାଦକ ପଶୁପତି ଉପାଧ୍ୟାୟ ଓ ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।




ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଜିଲା କଂଗ୍ରେସ କର୍ମକର୍ତ୍ତା।

## ପୂର୍ଣ୍ଣମାତ୍ରାରେ କାମ କରୁନି ସ୍ୱାସ୍ଥ୍ୟକାର୍ଡ

**ସ୍ୱାମୀଙ୍କୁ ବଞ୍ଚାଇବା ପାଇଁ ଆକୁଳ ଆବେଦନ**

ଖଇରା,୧୧।୨(ଡି.ଏନ.ଏ.)

ଦିନକୁ ଦିନ ସ୍ୱାମୀଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟୁଛି। ଏପଟେ ୨ନାବାଳକ ସନ୍ତାନଙ୍କୁ ଲାଳନପାଳନ ଚିନ୍ତା। ସ୍ୱାମୀଙ୍କ ଚିକିତ୍ସା ଚିନ୍ତାରେ ଖାଇବା ପିଇବା ଭୁଲିଗଲେଣି ବାଲେଶ୍ୱର ଜିଲା ଖଇରା ବ୍ଲକ ଗଣ୍ଡିବେଡ ଗ୍ରାମର ପ୍ରମିତା ଦାସ। ସ୍ୱାମୀଙ୍କ ଅସ୍ତ୍ରୋପଚାର ଲାଗି ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ସେ ବୁଲି ବୁଲି ସହାୟତା ଲାଗି ଲୋକଙ୍କୁ ଆକୁଳ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ପୂର୍ଣ୍ଣମାତ୍ରାରେ ବ୍ୟବହାର କରିବାକୁ ନର୍ସିଂହୋମ ମାଲିକ ମନା କରୁଥିବାରୁ ଏହାକୁ ନେଇ ପ୍ରମିତା ଚିନ୍ତାରେ ପଡିଛନ୍ତି।

ପ୍ରମିତାଙ୍କ କହିବା ଅନୁଯାୟୀ, ସ୍ୱାମୀ କିଶୋର କୁମାର ଦାସ(୪୩)ଙ୍କ ଜିଭରେ ୧୦ମାସ ତଳେ ଏକ ଘା ହୋଇଥିଲା। ଡାକ୍ତରଙ୍କୁ ପଚାରି ଔଷଧ ଖାଇବା ପରେ ତାହା ପ୍ରଥମେ କମିଯାଇ ପରେ ବାହାରିଥିଲା। ବାରମ୍ବାର



ପ୍ରମିତାଙ୍କ ସହ ସ୍ୱାମୀ କିଶୋର।

ଏମିତି ହେବା ପରେ ସେ କଟକରେ ଡାକ୍ତରଙ୍କୁ ଦେଖାଇବା ପରେ କର୍କଟ ହୋଇଥିବା ସେ କହିଥିଲେ। କେମୋ ନେବା ଓ ଲାଇଟ୍ ପଡିବା ପରେ ଏହା କମିବା ପରିବର୍ତ୍ତେ ଏବେ ଗଳା ଓ ନାକ ପର୍ଯ୍ୟନ୍ତ କାୟା ବିସ୍ତାର କଲାଣି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧ଲକ୍ଷ ୪୦ହଜାର ମିଳିବା ପରେ ଏବେ ଅଧିକ ଦେବାକୁ କଟକରେ ଚିକିତ୍ସା କରୁଥିବା ନର୍ସିଂହୋମ ମାଲିକ ମନା କରୁଥିବା ପ୍ରମିତା ଅଭିଯୋଗ କରିଛନ୍ତି। ପୁରୁଷ ଲୋକଙ୍କ ପାଇଁ ୫ଲକ୍ଷ ବ୍ୟବସ୍ଥା ଥିବା ବେଳେ ନର୍ସିଂହୋମ ମାଲିକଙ୍କ ଏଭଳି ଆଚରଣକୁ ନେଇ ସେ ନିରାଶ ହୋଇପଡିଛନ୍ତି। ଅସ୍ତ୍ରୋପଚାର ପାଇଁ ୫ଲକ୍ଷ ଟଙ୍କା ଦରକାର ଥିବାରୁ ସହାୟତା ପାଇଁ ବିଭିନ୍ନ ସଙ୍ଗଠନ ଓ ନେତା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଟଙ୍କା ଫେରସ୍ତ ଦାବି କଲେ କ୍ଷତିଗ୍ରସ୍ତ ଜମାକାରୀ

ଉଦଳା, ୧୧।୨ (ଡି.ଏନ.ଏ.)

ପୁଣିଗର୍ଜିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ। ଦୁଇ ପଇସା ଲାଭ ପାଇବା ଆଶାରେ ଟଙ୍କା ଜମା କରି କ୍ଷତିଗ୍ରସ୍ତ ହୋଇଥିବା ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଜମାକାରୀମାନେ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ତହସିଲଦାରଙ୍କୁ ଭେଟି ଟଙ୍କା ଫେରସ୍ତ ପାଇଁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରିବେ ବୋଲି କ୍ଷତିଗ୍ରସ୍ତ ଜମାକାରୀ ନିରଞ୍ଜନ ମହାରଣା, ସାବିତ୍ରୀ ଦାସ, ତୁଳସୀ ଦାସ, ମହେନ୍ଦ୍ର ବେହେରା, ନୀହାର ରଞ୍ଜନ ବିଶ୍ୱାଳ, ରବୀନ୍ଦ୍ର ନାଥ ସାହୁ, ଅଭିନ୍ନ ଚନ୍ଦ୍ର ମାଇତି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିର୍ବାଚନ ସାଙ୍କେତିକ ପତାକା ପୋଡ଼ି, ଜଣେ ଗିରଫ

ଜଳେଶ୍ୱର,(ଡି.ଏନ.ଏ.)-ଜଳେଶ୍ୱର ବ୍ଲକ ଜାମପୁର ଗାଁର ୱାର୍ଡମେମ୍ବର ପ୍ରାର୍ଥୀ ଝିଲିରାଣୀ ରାଉଳ ନିର୍ବାଚନ ଲଢୁଛନ୍ତି। ତାଙ୍କ କାକାଶ୍ୱଶୁର ବିଜୟ କୁମାର ରାଉଳ ତାଙ୍କ ଚାଳ ଛପରରେ ଟଙ୍ଗାଯାଇଥିବା ଅନ୍ୟଦଳର ନିର୍ବାଚନ ସାଂକେତିକ ପତାକାକୁ ଆଣି ନିଆଁରେ ପୋଡ଼ି ଦେଇଥିଲେ। ଏପରି ଦୃଶ୍ୟକୁ କେହି ଜଣେ ଭିଡିଓ ଉତ୍ତୋଳନ କରି ଜିଲା ନିର୍ବାଚନ କମିଶନର ଓ ଉପଜିଲାପାଳଙ୍କ ନିକଟକୁ ପଠାଇଥିଲେ। ଜିଲା ନିର୍ବାଚନ ଅଧିକାରୀ ଜଳେଶ୍ୱର ଥାନାକୁ ଜଣାଇବାରୁ ପୋଲିସ୍ ଗୁରୁବାର ରାତିରେ ବିଜୟ ରାଉଳଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ ବିଧାୟକ

ପାଟଣା,୧୧।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ଅଧୀନ ୨୩ନଂ. ଜିଲା ପରିଷଦ ଜୋନର ବିଜେଡି ପ୍ରାର୍ଥୀ ରୁନୁ ମହାନ୍ତଙ୍କ ପାଇଁ ଶୁକ୍ରବାର ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ପ୍ରଚାର କାର୍ଯ୍ୟକ୍ରମରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବିଜେଡି ନେତା ଦିଲୀପ କୁମାର ଦାଶ,ଡୁମୁରିଆ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ କାର୍ତ୍ତିକ ନାଏକ, ଯୁବ ନେତା ସଞ୍ଜିତ ଚକ୍ର, ଅନ୍ତର୍ଯ୍ୟାମୀ ସେଠୀ, ସୁରେଶ ଚନ୍ଦ୍ର ସାହୁ, କ୍ଷିତୀଶ ଚନ୍ଦ୍ର ମହାନ୍ତ ପ୍ରମୁଖ ବହୁ ଆଗଧାଡ଼ିର ବିଜେଡି ନେତା ସାମିଲ ହୋଇଥିଲେ। ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମଣରୁ ଏକ ବାଇକ ରାଲି ବାହାରି ଡୁମୁରିଆ ପଞ୍ଚାୟତର ବାଲିଯୋଡ଼ି, ବଣମହୁଲ ଡିହା ହୋଇ ଭୀମକୁଣ୍ଡଠାରେ ରାଲିର ସମାପ୍ତ ହୋଇଥିଲା।

### ବିଜେଡିର ମିଶ୍ରଣ ପର୍ବ

ଭଦ୍ରକ ଅଫିସ, ୧୧।୨-ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭଦ୍ରକ ବିଧାୟକଙ୍କ ମିଶନ ଭାଜପା ହଟାଓ ଅଭିଯାନ ଜୋର୍ ଧରିଛି। ମିଶ୍ରଣ ଆଳରେ ବିଭିନ୍ନ ଦଳର ପ୍ରମୁଖ ନେତା, କର୍ମୀ ଏବଂ ସମର୍ଥକ ବିଜେଡିରେ ସାମିଲ ହେଉଛନ୍ତି। ଗତ ପ୍ରାୟ ଏକ ମାସ ଧରି ବିଧାୟକଙ୍କ ବାସଭବନରେ ମିଶ୍ରଣ ପର୍ବ ଚାଲିଥିବା ବେଳେ ଚଳିତ ମାସ ୪ ତାରିଖଠାରୁ ଚାଲିଛି ମହାମିଶ୍ରଣ। ଅନ୍ୟ ଦଳରୁ ଶତାଧିକ ନେତା ଓ ସମର୍ଥକ ବିଜେଡିରେ ଯୋଗ ଦେଉଛନ୍ତି। ଭଦ୍ରକ ଜିଲା ରାଜନୀତିରେ କଂଗ୍ରେସକୁ ହଟାଇ ଏବେ ଶାସକ ବିଜେଡିର ମୁଖ୍ୟ ବିରୋଧୀ ଭାବେ ଭାଜପା ନିଜକୁ ଉପସ୍ଥାପିତ କରିଛି। ଭାଜପା ଶିବିର ଭାଙ୍ଗି ଦଳର ସଂଖ୍ୟାଧିକ ନେତା ଏବଂ କର୍ମୀଙ୍କୁ ବିଜେଡିରେ ସାମିଲ କରାଯିବା ନିଶ୍ଚିତ ଭାବେ ଶାସକ ଦଳ ପାଇଁ ଉତ୍ସାହଜନକ ହୋଇପଡ଼ିଛି। ଆଗାମୀ ନିର୍ବାଚନ ପୂର୍ବରୁ ଅନ୍ୟ ଦଳର ସତ୍ତା ନ ଥିବ ବୋଲି ବିଧାୟକ ଦୃଢ଼ୋକ୍ତି ବାଢ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ସବୁ ମୂଳର କାରଣ ବୋଲି ସେ କହିଛନ୍ତି।

### ବିଜେଡି ପ୍ରାର୍ଥୀଙ୍କ ପ୍ରଚାର

ପଦ୍ମପୁର, ୧୧।୨ (ଡି.ଏନ.ଏ.)-ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶୁକ୍ରବାର ନିଜର ସମର୍ଥକଙ୍କ ସହ ରାଜଘରପୋଖରୀର କୁରୁବାଟିଆ, ବଡ଼ମଛୁଆଘାଇ, ସାନମଛୁଆଘାଇ, ରାଜଘରପୋଖରୀ, ବାଲିମେଦ ପଞ୍ଚାୟତର ପାନପୁର, ଭେଡ଼ାନାୟକାଣି ଓ ଦୟାନିଧିପୁରଠାରେ ବାଇକ୍ ରାଲିରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଶତାଧିକ ସମର୍ଥକଙ୍କ ସହ ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସରପଞ୍ଚ ପ୍ରଫୁଲ୍ଲ କୁମାର ପଲିତା, ୨୧ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଦିବ୍ୟଲକ୍ଷ୍ମୀ ବାରିକ, ସରପଞ୍ଚ ପ୍ରାର୍ଥୀ ବିତିକା ପଣ୍ଡା, ଆଶାବରୀ ମଲିକ, ସମିତିସଭ୍ୟ ପ୍ରାର୍ଥୀ ରଶ୍ମିତା ନାୟକ, ପ୍ରକାଶ କୁମାର ସେଠୀ, ବରିଷ୍ଠ କର୍ମୀ କମଳାକାନ୍ତ ଘଡ଼େଇ, ସିଦ୍ଧାର୍ଥ ପଟ୍ଟନାୟକ, ମିନୁ ପଟ୍ଟନାୟକ, ଝୁନା ପଣ୍ଡା, ଅମୀୟ ନାୟକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହେଲେ ବିକାଶର ଧାରା ବଜାୟ ରହିବ ବୋଲି ବିଧାୟକ ରାଉତରାୟ କହିଛନ୍ତି।

# ୩ ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

## ଆନନ୍ଦପୁର ବ୍ଲକ

ଆନନ୍ଦପୁର,୧୧।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ ୧, ୨ ଓ ୩ନଂ ଜିଲା ପରିଷଦ ଜୋନରେ ପ୍ରଚାର ସରଗରମ ହେବାରେ ଲାଗିଛି। ଏହି ଜୋନ ଗୁଡ଼ିକରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେଉଥିବା ଲକ୍ଷ୍ୟ କରାଯାଉଛି। ୩ ପ୍ରମୁଖ ଦଳର ପ୍ରାର୍ଥୀ ଘରକୁ ଘର ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି।

୧ନଂ. ଜୋନ୍ ଅସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏଠାରେ ବିଜେଡିରୁ ଟିଂକି ରଣା, ଭାଜପାରୁ ତପସ୍ୱିନୀ ମହାନ୍ତ ଓ କଂଗ୍ରେସରୁ ମୀନାରାଣୀ ବେହେରା ନିର୍ବାଚନ ଲଢୁଛନ୍ତି। କୋଡ଼ପଡ଼ା, କୋଳିମାଟି, ଗୟଳମୁଣ୍ଡା, ଧକୋଠା, ପଣସଡିହା, ବୁଢ଼ିକୁଦ, ମନୋହରପୁର ଆଦି ପଞ୍ଚାୟତକୁ ନେଇ ଏହି ଜୋନ ଗଠିତ। ଧକୋଠା ଓ କୋଡ଼ପଡ଼ା ବ୍ୟତୀତ ଅନ୍ୟ ପଞ୍ଚାୟତଗୁଡ଼ିକରେ ଆଦିବାସୀ ଭୋଟରଙ୍କ ସଂଖ୍ୟା ଅଧିକ। ପଣସଡିହା ଓ ମନୋହରପୁର ପଞ୍ଚାୟତରେ ଶାସକ ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଅଧିକ ସକ୍ରିୟ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୟଳମୁଣ୍ଡା ପଞ୍ଚାୟତର କେତେଜଣ ଶାସକ ଦଳର ନେତା ବିରୋଧୀଦଳ ସହିତ ଭିତିରି ସମ୍ପର୍କ ରଖିଥିବା ଆଲୋଚନାର ମୁଖ୍ୟ ବିଷୟ ସାଜିଛି। ୨୦୧୭ ନିର୍ବାଚନରେ ଏହି ଜୋନଟି ବିଜେଡି ଅକ୍ତିଆର କରିଥିଲା। ଏହି ଜୋନରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହେବାର ସମ୍ଭାବନା ଥିଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଶେଷ ମୁହୂର୍ତ୍ତରେ କଂଗ୍ରେସ ପ୍ରାର୍ଥୀ ଓଲଟପାଲଟ ପରିସ୍ଥିତି ସୃଷ୍ଟି କରିପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଯୁବ ଭୋଟରମାନେ ଭାଜପା ପ୍ରତି ଆକର୍ଷିତ ହେଉଥିବାରୁ ବିଜେଡି ପାଇଁ ମହଙ୍ଗା ସାବ୍ୟସ୍ତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ୨ନଂ ଜୋନ୍ ଅସଂରକ୍ଷିତ ଥିବାବେଳେ ଏଠାରେ ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କଣ୍ଟିପାଳ, କାଠକଟା, ତରତରା, ବାଉଁଶଗଡ, ମୋଚିନ୍ଦା, ଶାଳବଣି ଆଦି ପଞ୍ଚାୟତର ଭୋଟର ଏହି ଜୋନର ପ୍ରାର୍ଥୀମାନଙ୍କୁ ଭୋଟ ଦେବେ। ଏଠାରେ ବିଜେଡି ପ୍ରାର୍ଥୀ ପ୍ରଚାରରେ ଆଗୁଆ ଥିବା ବେଳେ ଦଳୀୟ ବିଦ୍ରୋହ କେତେକାଂଶରେ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି।

୩ନଂ. ଜୋନ୍‌ରେ କଡ଼ା ଟକ୍କର ହେବାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଳସୁଆଁ, ପଞ୍ଚୁପଲୀ, ବାଇଲୋ, ବେଲବାହାଳି ଓ ହରିଡ଼ାପାଳ ଆଦି ୫ ପଞ୍ଚାୟତକୁ ନେଇ ଏହି ଜୋନ୍ ଗଠିତ। ଏହି ଆସନଟି ଅସଂରକ୍ଷିତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏଠାରେ ମଧ୍ୟ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ସମସ୍ତ ପ୍ରାର୍ଥୀ ବାଇଲୋ ପଞ୍ଚାୟତର ଅଟନ୍ତି। ଭାଜପାରୁ ଅସୀମା ମିଶ୍ର, ବିଜେଡିରୁ ଉର୍ମିଳା ସାହୁ ଓ କଂଗ୍ରେସରୁ ସୁକାନ୍ତି ସାହୁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ୨୦୧୭ ନିର୍ବାଚନରେ ଏହି ଜୋନ୍ ଓଲଟପାଲଟ ପରିସ୍ଥିତି ସୃଷ୍ଟି କରିଥିଲା। ବେଲବାହାଳିର କୁଶେଇ ସେତୁ ଘଟଣାକୁ ନେଇ ଶାସକ ଦଳ ବିରୋଧରେ ଜନମତ ଯାଇଥିଲା। ଯାହାର ପରିଣାମ ସ୍ୱରୂପ ସନାତନ ମହାକୁଡ଼ଙ୍କ ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ପ୍ରଭାକର ସାହୁ ନିର୍ବାଚିତ ହୋଇଥିଲେ। ଚଳିତ ନିର୍ବାଚନରେ ସନାତନ ମହାକୁଡ ବିଜେଡିକୁ ସମର୍ଥନ କରୁଥିବା ବେଳେ ଗୋଳିଆ ପାଣିରୁ ଫାଇଦା ନେବାକୁ ଭାଜପା ପ୍ରୟାସ ଜାରି ରଖିଛି।

# ବିବାଦୀୟ ବୁଥ୍ ପ୍ରତି ଧ୍ୟାନ ଦେବାକୁ ଦାବି



ଦାବିପତ୍ର ଦେବାକୁ ଆସିଥିବା ଅଞ୍ଚଳବାସୀ।

କେନ୍ଦୁଝର,୧୧।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ବୁଥନଂ.୬ (ସରକାରୀ ୟୁପି ସ୍କୁଲ, କନକନା), ବୁଥନଂ. ୭ (ସରକାରୀ ପ୍ରାଥମିକ ବିଦ୍ୟାଳୟ, ହରିଡାଯୋଡି), ବୁଥନଂ.୮ (ସରକାରୀ ପ୍ରାଥମିକ ବିଦ୍ୟାଳୟ, ଦେଉଝର)ରେ ପୂର୍ବ ନିର୍ବାଚନ ମାନଙ୍କରେ ଭୋଟ ଗ୍ରହଣ ସମୟରେ ବିଭିନ୍ନ ପ୍ରକାରର ଗଣ୍ଡଗୋଳ ଦେଖାଦେଇଥିଲା। ଏଣୁ ଏହି ସବୁ ବୁଥଗୁଡ଼ିକରେ ସ୍ୱଚ୍ଛ ଓ ଭୟମୁକ୍ତ ମତଦାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ଭୋଟର ଶୁକ୍ରବାର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ବରୁଣ ମହାନ୍ତ, ଭରତ ଚନ୍ଦ୍ର ନାୟକ, ରୋହିତ କୁମାର ନାୟକ, ଘାଷିରାମ ମହାନ୍ତ, ଦୁଃଶାସନ ମହାନ୍ତଙ୍କ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ନୀଳଗିରି ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ନୀଳଗିରିଠାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

ସଜନାଗଡ଼, ୧୧।୨(ଡି.ଏନ.ଏ.)

ନୀଳଗିରି ନିର୍ବାଚନ ମଣ୍ଡଳୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାରକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ନିଜର କ୍ଷେତ୍ର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ନୀଳଗିରି ଥାନା ପକ୍ଷରୁ ବିଭିନ୍ନ ସମ୍ବେଦନଶୀଳ ବୁଥ୍ ଏବଂ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ସେସବୁ ଉପରେ କଡ଼ା ନଜର ରଖାଯାଉଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ଆହ୍ୱାନ ଦେବା ସହ ଶୁକ୍ରବାର ନୀଳଗିରି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

ନୀଳଗିରି ଥାନା ଅଧୀନ ନରସିଂହପୁର, ରାଧାକୀଶ୍ୱରପୁର, କାଂଶ, ଧୋବୋଶିଳାଶ, କାଣ୍ଡଗରଡ଼ି, ଇଶ୍ୱରପୁର, ଶ୍ୟାମସୁନ୍ଦରପୁର ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ଥାନାର କର୍ମଚାରୀ ସାମିଲ ହୋଇଥିଲେ। ହିଂସାତ୍ମକ କାର୍ଯ୍ୟ, ଚୋରି, ଡକାୟତି ଏବଂ ରାହାଜାନି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଜନସାଧାରଣଙ୍କୁ କୁହାଯାଇଛି। ଏପରିକି ପୂର୍ବରୁ ନିର୍ବାଚନ ସମୟରେ ବିଭିନ୍ନ ହିଂସାତ୍ମକ କାର୍ଯ୍ୟରେ ଜଡ଼ିତ ଥିବା ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଥିବା ବେଳେ ନିର୍ବାଚନ ସମୟରେ ହିଂସାକାଣ୍ଡ ଘଟାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରିଣୀ ପ୍ରକାଶ କରିଛନ୍ତି।

# '୨ ଦିନ ପୂର୍ବରୁ ବୁଥ୍‌କୁ ପୋଲିଂ ପାର୍ଟି ପଠାଯାଉ'

କେନ୍ଦୁଝର,୧୧।୨(ଡି.ଏନ.ଏ.)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ସମୟ ଆଉ ଗୋଟିଏ ଦିନ ବୃଦ୍ଧି କରିବା ଲାଗି ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଦାବି କରିଛି। ପୂର୍ବ ଅଭିଜ୍ଞତା ଅନୁଯାୟୀ ଯେଉଁଦିନ ନିର୍ବାଚନ କାର୍ଯ୍ୟ ପାଇଁ କର୍ମଚାରୀମାନେ ଯୋଗ ଦେଇଥାଆନ୍ତି , ସେହିଦିନ ବ୍ଲକଠାରୁ ସମସ୍ତ ଜିନିଷପତ୍ର ତନଖି କରି ବୁଥ୍‌କୁ ଯିବାବେଳେ ପ୍ରାୟ ସନ୍ଧ୍ୟା ହୋଇଯାଇଥାଏ। ପୋଲିଂ ବୁଥ୍ ନିହାତି ଅଜଣା ସ୍ଥାନ ହୋଇଥିବାରୁ ପୋଲିଂ ପାର୍ଟିମାନଙ୍କୁ ପ୍ରଥମେ ନିର୍ବାଚନ ସମ୍ବନ୍ଧୀୟ ଜିନିଷପତ୍ର ସୁରକ୍ଷିତ ରଖିବା, ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ଓ ବିଶ୍ରାମ ନେବାର ବ୍ୟବସ୍ଥା କରିଥାଆନ୍ତି। ପରଦିନ ନିର୍ବାଚନ ସମ୍ବନ୍ଧୀୟ ପ୍ରାକ୍ କାଗଜପତ୍ର ପ୍ରସ୍ତୁତି, ବୁଥ ସଜ୍ଜିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତି। ତା ପରଦିନ ଭୋର ସମୟରେ ଉଠି ନିର୍ବାଚନ ଚୂଡ଼ାନ୍ତ ପ୍ରସ୍ତୁତି କରି ଭୋଟ ଗ୍ରହଣ କରନ୍ତି। ଆଗାମୀ ୧୬ରୁ ନିର୍ବାଚନ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଆବଶ୍ୟକୀୟ ତାଲିମ ଶେଷ ହୋଇଛି। ନିର୍ବାଚନ କାର୍ଯ୍ୟ ଲାଗି ନିୟୋଜିତ କର୍ମଚାରୀମାନଙ୍କୁ ଅନେକ ଦୂରରେ ଅବସ୍ଥିତ ନିର୍ବାଚନ କେନ୍ଦ୍ରକୁ ପୂର୍ବଦିନ ପହଞ୍ଚିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରିତାପର ବିଷୟ କେନ୍ଦୁଝର ଜିଲାର ଭୌଗଳିକ ପରିବ୍ୟାପ୍ତି ଦୃଷ୍ଟିରୁ ଜଣେ କର୍ମଚାରୀ ଯୋଡ଼ା, ଚମ୍ପୁଆ ବ୍ଲକରୁ ଆସି ଆନନ୍ଦପୁର, ହାଟଡିହି ଭଳି ବ୍ଲକରେ ପୂର୍ବାହ୍ନ ୭ ଘଟିକା ସୁଦ୍ଧା ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ ପୂର୍ବଦିନ ନିର୍ଦ୍ଧାରିତ ବ୍ଲକରେ ପହଞ୍ଚି ଆବଶ୍ୟକୀୟ ନିର୍ବାଚନୀ ଉପକରଣ ସଂଗ୍ରହ କରି ସମସ୍ତ ପୋଲିଂ ପାର୍ଟିକୁ ଏକତ୍ର କରି ନିର୍ବାଚନ କେନ୍ଦ୍ରରେ ପହଞ୍ଚିବା କଷ୍ଟସାଧ୍ୟ ଅଟେ। ପୂର୍ବଦିନ ନିର୍ବାଚନ କେନ୍ଦ୍ରରେ ଅନେକ କାର୍ଯ୍ୟ କରିବାକୁ ପଡ଼ିଥାଏ। ଏହିସବୁ ଦୃଷ୍ଟିରୁ ନିର୍ବାଚନରେ ନିୟୋଜିତ କର୍ମଚାରୀମାନଙ୍କ ଲାଗି ଆଉ ଗୋଟିଏ ଦିନ ବୃଦ୍ଧି କରିବାକୁ ଜିଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ପକ୍ଷରୁ ଦାବି କରାଯାଇଛି। ଜିଲା ସଭାପତି ରଘୁନାଥ ବେହେରା ଓ ଜିଲା ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର,ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ, କାର୍ଯ୍ୟକାରୀ ସମ୍ପାଦକ ଭିକାରୀ ଚରଣ ସାହୁ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ପହଞ୍ଚିଲା ଭୋଟବାକ୍ସ

## ୭ ବ୍ଲକରେ ହେବ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ବାରିପଦା ଅଫିସ,୧୧।୨

ପଞ୍ଚାୟତ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଭୋଟ ବାକ୍ସ ପହଞ୍ଚିଥିବା ବେଳେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୫ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଜିଲାର ୨୬ ବ୍ଲକ ମଧ୍ୟରୁ ୭ଟିରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଖୁଣ୍ଟା, ଗୋପବନ୍ଧୁନଗର, ମୋରଡ଼ା, ଶାମାଖୁଣ୍ଟା, ବାଙ୍ଗିରିପୋଷି, କୁଳିଅଣା ଓ ରାସଗୋବିନ୍ଦପୁର ବ୍ଲକର ୧୫ ଜିଲା ପରିଷଦ, ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟ ପାଇଁ ୧୫୦୧ ବୁଥ୍‌ରେ ଭୋଟରମାନେ ମତଦାନ ସାବ୍ୟସ୍ତ କରିବେ।

ସେହିପରି ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ୧୨୭୯, ୨୦ତାରିଖ ତୃତୀୟ ପର୍ଯ୍ୟାୟରେ ୫୪୦, ୨୨ ତାରିଖ ଚତୁର୍ଥ ପର୍ଯ୍ୟାୟରେ ୧୦୮୭ ଓ ୨୪ ତାରିଖ ୫ମ ପର୍ଯ୍ୟାୟରେ ୯୭୬ ବୁଥ୍‌ରେ ମତଦାନ କରାଯିବ। ପ୍ରତି ବୁଥ୍‌ରେ ୪ ଜଣ ଲେଖାଏ ଅଧିକାରୀ ନିଯୁକ୍ତ ହୋଇଥିବା ବେଳେ ଜିଲାର ମୋଟ ୫,୩୮୩ ବୁଥ୍ ପାଇଁ ୩,୪୪୦ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନା ତାଲିମ ପ୍ରଦାନ କରାଯାଇଛି।

# ପ୍ରାର୍ଥୀଙ୍କୁ ଗୁରୁମନ୍ତ୍ର ଦେଲେ ନବଜ୍ୟୋତି

ବାଲେଶ୍ୱର ଅଫିସ, ୧୧।୨

ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟରେ ଭୋଗରାଇ ଓ ଜଳେଶ୍ୱର ବ୍ଲକରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। କଂଗ୍ରେସର ବାଲେଶ୍ୱର ସଂସଦୀୟ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ପ୍ରାର୍ଥୀମାନଙ୍କୁ ଜିତିବା ପାଇଁ ଗୁରୁମନ୍ତ୍ର ଦେବା ସହ ଭୋଗରାଇ ବ୍ଲକ ୩୦, ୩୧, ୩୨, ୩୩, ୩୪, ୩୫ ନଂ. ଜିଲାପରିଷଦ ଜୋନ୍ ଅଧୀନ ସମସ୍ତ ପଞ୍ଚାୟତରେ ପ୍ରଚାର କରିଛନ୍ତି। ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଇ ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ୩୦ନଂ.ଜିଲା ପରିଷଦ ପ୍ରାର୍ଥୀ ଅଜିତ୍ କୁମାର କମିଲା, ୩୧ ନଂ. ଜିଲା ପରିଷଦ ପ୍ରାର୍ଥିନୀ ତଥା ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସୁର, ୩୨ନଂ. ଜିଲା ପରିଷଦ ପ୍ରାର୍ଥିନୀ ଉମାରାଣୀ ଦାସ, ୩୩ନଂ. ଜିଲା ପରିଷଦ ପ୍ରାର୍ଥୀ ତଥା ସମିତିସଭ୍ୟ ସନ୍ତୋଷ କୁମାର ଜେନା, ୩୪ ନଂ. ଜିଲା ପରିଷଦ ପ୍ରାର୍ଥିନୀ ଗୌରୀରାଣୀ ଦାସ, ୩୫ ନଂ. ଜିଲା ପରିଷଦ ପ୍ରାର୍ଥିନୀ ସସ୍ମିତା ମଙ୍ଗଳଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ଼ମେମ୍ବର ଦଳୀୟ ସମର୍ଥିତ ପ୍ରାର୍ଥୀ ଉପସ୍ଥିତ ଥିଲେ।

ଭୋଗରାଇ ଜିଲାପରିଷଦ ପ୍ରାର୍ଥିନୀ ମୀନାରାଣୀ ସୁରଙ୍କ ବାସଭବନରେ ୩୧ ନଂ. ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ ପୌରୋହିତ୍ୟ କରିଥିଲେ। ପଟ୍ଟନାୟକ ଯୋଗଦେଇ ସମସ୍ତ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ସତ୍ୟଶିବ ଦାସ, ଜିଲା କଂଗ୍ରେସ ଉପସଭାପତି ଗୋପବନ୍ଧୁ ମହାପାତ୍ର, ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ର, ବ୍ଲକ କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ।



ସଭାରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନବଜ୍ୟୋତି ପଟ୍ଟନାୟକ ନିବେଦନ କରୁଛନ୍ତି।

# ପୋଲିଂ ଅଧିକାରୀଙ୍କୁ ଆଗୁଆ ଯୋଗଦାନ ପାଇଁ ନିର୍ଦ୍ଦେଶ

ବାଲେଶ୍ୱର ଅଫିସ,୧୧।୨

ବାଲେଶ୍ୱର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିୟୋଜିତ ଜିଲାର ସମସ୍ତ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀମାନଙ୍କୁ କାର୍ଯ୍ୟରେ ଆଗୁଆ ଯୋଗଦାନ ପାଇଁ ସମସ୍ତ ବିଭାଗୀୟ/କାର୍ଯ୍ୟାଳୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଚାୟତ ନିର୍ବାଚନରେ ଜିଲାରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଭୋଗରାଇ ଓ ଜଳେଶ୍ୱର ବ୍ଲକରେ ଆସନ୍ତା ଫେବୃୟାରୀ ୧୬ତାରିଖରେ ଅନୁଷ୍ଠିତ ହେବ। ପୋଲିଂ ଅଧିକାରୀମାନଙ୍କୁ ଫେବୃୟାରୀ ୧୫ତାରିଖରେ ବିତରଣ କେନ୍ଦ୍ରରେ ରିପୋର୍ଟ କରିବାକୁ କୁହାଯାଇଥିଲା । ତେବେ ଏହି ସମୟ ନିର୍ଘଣ୍ଟରେ ଏବେ ପରିବର୍ତ୍ତନ କରାଯାଇ ସେମାନଙ୍କୁ ଫେବୃୟାରୀ ୧୪ତାରିଖ ପୂର୍ବାହ୍ନ ୧୧ଟାରେ ରିପୋର୍ଟ କରିବାକୁ କୁହାଯାଇଛି। ଭୋଗରାଇ ଆର୍‌ଆଇଏଚ୍‌ଏସ୍ କଲେଜ ଏବଂ ସୁଗୋଷ୍ଠିତ ଡିକେ କଲେଜ ବିତରଣ କେନ୍ଦ୍ରରେ ପୋଲିଂ ଅଧିକାରୀମାନେ ଫେବୃୟାରୀ ୧୪ତାରିଖରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ। ସେହିପରି ସୋର, ସିମୁଳିଆ ଓ ଖଇରାରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ପାଇଁ ଯେଉଁ ପୋଲିଂ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି ସେମାନେ ପୂର୍ବ ନିର୍ଦ୍ଧାରିତ ଫେବୃୟାରୀ ୧୯ତାରିଖ ପରିବର୍ତ୍ତେ ୧୮ତାରିଖ ପୂର୍ବାହ୍ନ ୧୧ଟାରେ କାର୍ଯ୍ୟରେ ଯୋଗ ଦେବେ। ଫେବୃୟାରୀ ୧୮ତାରିଖରେ ସେମାନେ ୟୁଏନ୍ କଲେଜ, ସୋର, ସିମୁଳିଆ କଲେଜ, ମାର୍କୋଣା ଏବଂ ଖଇରା କଲେଜ(ଉଦ୍ଭିଦ ବିଜ୍ଞାନ ବିଭାଗ), ଖଇରା ବିତରଣ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବାକୁ କୁହାଯାଇଛି । ଅନୁରୂପ ଭାବେ ବାଲେଶ୍ୱର ସଦର ବ୍ଲକ ଓ ରେମୁଣା ବ୍ଲକରେ ହେବାକୁ ଥିବା ପଞ୍ଚମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ପାଇଁ ପୋଲିଂ ଅଧିକାରୀମାନେ ଫେବୃୟାରୀ ୨୩ତାରିଖ ପରିବର୍ତ୍ତେ ୨୨ତାରିଖ ପୂର୍ବାହ୍ନ ୧୧ଟା ସମୟରେ ସରକାରୀ ଆଇଟିଆଇ, ବାଲେଶ୍ୱର ଏବଂ ରେମୁଣା ଡିଗ୍ରୀ କଲେଜ ବିତରଣ କେନ୍ଦ୍ରରେ ଉପସ୍ଥିତ ରହିବେ। ଏଥିପାଇଁ ପୂର୍ବରୁ ପୋଲିଂ ଅଧିକାରୀମାନଙ୍କୁ ଦିଆଯାଇଥିବା ନିଯୁକ୍ତପତ୍ରରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସହ ଆଲୋଚନା ପରେ ଜିଲା ପ୍ରଶାସନ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟରେ ଆବଶ୍ୟକ ପରିବର୍ତ୍ତନ କରାଯାଇଛି । ଏନେଇ ଯେପରି କୌଣସି ପ୍ରକାର ଦ୍ୱନ୍ଦ୍ୱ ବା ସମସ୍ୟା ଦେଖା ନ ଦିଏ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲାରେ ୧୯ ମହିଳା ବୁଥ୍

କେନ୍ଦୁଝର,୧୧।୨(ସ୍ୱ.ପ୍ର.)

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ କେବଳ ମହିଳା କର୍ମଚାରୀଙ୍କୁ ନେଇ ଗୋଟିଏ ଲେଖାଏ ସ୍ୱତନ୍ତ୍ର ବୁଥ କରିବାକୁ ପଦକ୍ଷେପ ନିଆଯାଇଛି। କେନ୍ଦୁଝର ଜିଲାର ୧୩ଟି ବ୍ଲକର ମୋଟ ୧୯ଟି ବୁଥକୁ ମହିଳା ବୁଥ ଭାବେ ଘୋଷଣା କରାଯାଇଛି। ଏହି ବୁଥ ଗୁଡ଼ିକରେ ଯେହେତୁ ସମସ୍ତ କର୍ମଚାରୀ ମହିଳା ରହିବେ ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବା ସହ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ବ୍ଲକ ମୁଖ୍ୟାଳୟର ଅନ୍ୟ ଏକ ବୁଥରେ ଅନ୍ୟୁନ ୨ଜଣ ମହିଳା ପୋଲିଂ କର୍ମଚାରୀ ରହିବେ ବୋଲି ଜଣାପଡ଼ିଛି।

ଜିଲାର ଘଷିପୁରା ବ୍ଲକର ବଳାରାମ ପଞ୍ଚାୟତ କଇଁଜିପୁର ପ୍ରାଥମିକ ସ୍କୁଲ ବୁଥନଂ. ୧,୨ ଝୁମ୍ପୁରା ବ୍ଲକର ଝୁମ୍ପୁରା ପଞ୍ଚାୟତ ଅଧୀନ ଝୁମ୍ପୁରା ହାଇସ୍କୁଲ (ବୁଥନଂ.୧୦), ସଦର ବ୍ଲକର ମଣ୍ଡୁଆ ପଞ୍ଚାୟତର ବଡ଼ଡ଼େରା ସରକାରୀ ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୧୧), ଚମ୍ପୁଆ ବ୍ଲକର ରଜିଆ ପଞ୍ଚାୟତର ରଜିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୧୫), ସାହାରପଡ଼ା ବ୍ଲକ ସାହାରପଡ଼ା ପଞ୍ଚାୟତର ଗୁରାଣ୍ଡିଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୮,୯), ଯୋଡ଼ା ବ୍ଲକ ବିରକଳା ପଞ୍ଚାୟତ ଲହଣ୍ଡା ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୫), ତେଲକୋଇ ବ୍ଲକ ତେଲକୋଇ ପଞ୍ଚାୟତ ଅଧୀନ ତେଲକୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୬), ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅଧୀନ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ବୁଥନଂ.୧), ବାଂଶପାଳ ବ୍ଲକ ସାହରପୁର ପଞ୍ଚାୟତ ଅଧୀନ ସାହାରପୁର ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲ(ବୁଥନଂ.୯,୧୦), ଆନନ୍ଦପୁର ବ୍ଲକ ବାଉଁଶଗଡ଼ ପଞ୍ଚାୟତର ଷଡଙ୍ଗି ପ୍ରାଥମିକ ବିଦ୍ୟାଳୟ, ହାଟଡିହି ବ୍ଲକ ହାଟଡିହି ପଞ୍ଚାୟତ ଅଧୀନ ଜଳକଳଙ୍ଗା ୟୁଜିୟୁପି ସ୍କୁଲ (ବୁଥନଂ.୧୧,୧୨), ଘଟଗାଁ ବ୍ଲକ ଉପରଡ଼ିହା ପଞ୍ଚାୟତର ଉପରଡିହା ପ୍ରୋଜେକ୍ଟ ୟୁପି ସ୍କୁଲ, ହରିଚନ୍ଦନପୁର ବ୍ଲକ ହରିଚନ୍ଦନପୁର ପଞ୍ଚାୟତର ହରିଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟ(ବୁଥନଂ. ୬,୭,୮) ବୁଥକୁ ମହିଳା ବୁଥ ଭାବେ ପ୍ରସ୍ତୁତ କରାଯାଇଥିବା ଜିଲା ପଞ୍ଚାୟତ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ଲୋକପ୍ରିୟତା ବନାମ ପତିଆରା ଲଢ଼େଇ

## ଗୋପବନ୍ଧୁନଗର ବ୍ଲକ ୧୪ ଓ ୧୫ନଂ. ଜିଲା ପରିଷଦ ଜୋନ୍

କୁଆମରା,୧୧।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ୧୪ ଓ ୧୫ନଂ. ଜିଲା ପରିଷଦ ଜୋନରେ ପ୍ରଚାର ସରଗରମ ହେବାରେ ଲାଗିଛି। ଏହି ଦୁଇ ଜୋନରେ ବିଜେଡି, ଭାଜପା, କଂଗ୍ରେସ ଓ ଜେଏମ୍‌ଏମ୍ ଦଳର ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଏଠାରେ ମୁଖ୍ୟତଃ ବିଜେଡିର ଲୋକପ୍ରିୟତା ଓ ଭାଜପାର ପତିଆରାକୁ ନେଇ କଡ଼ା ମୁକାବିଲା ହେଉଥିବା ଲକ୍ଷ୍ୟ କରାଯାଉଛି।

୭ଟି ପଞ୍ଚାୟତକୁ ନେଇ ୧୪ନଂ. ଓ ୬ଟି ପଞ୍ଚାୟତକୁ ନେଇ ୧୫ନଂ. ଜୋନ ଗଠିତ। ଏହି ୧୩ଟି ପଞ୍ଚାୟତର ମୋଟ ଭୋଟର ସଂଖ୍ୟା ୫୮ହଜାର ୧୩୦। ସେଥିମଧ୍ୟରୁ ପୁରୁଷ ୨୮,୬୬୯ ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ୨୯,୪୬୧। ଗତ ୨୦୧୭ ନିର୍ବାଚନରେ ଦୁଇଟି ଯାକ ଜୋନ ଭାଜପା ହାତକୁ ଯାଇଥିଲା। ଏଥର ଏହି ଦୁଇଟି ଜୋନକୁ ଅକ୍ତିଆର କରିବା ଲକ୍ଷ୍ୟରେ ବିଜେଡି ଉଦ୍ୟମ ଚଳାଇଛି। ଗତ ନିର୍ବାଚନରେ ୧୫ନଂ.ଜୋନରେ ଭାଜପାର ଏକ ତରଫା ବିଜୟ ହୋଇଥିଲା। ସେହି ଭୁଲକୁ ସୁଧାରିବା ପାଇଁ ବିଜେଡି ନେତାମାନଙ୍କ ପକ୍ଷରୁ ଘନ ଘନ ଗସ୍ତ ଓ ବୈଠକ ପରେ ପ୍ରଚାର ଜୋର ଧରିଛି। ଅନ୍ୟପକ୍ଷରେ ଭାଜପାର ମଙ୍ଗ ଧରିଛନ୍ତି ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ। ବିଧାୟକଙ୍କ ପ୍ରତିଷ୍ଠା ଓ ପତିଆରାରେ ଦଳର ପ୍ରଦର୍ଶନ ନିର୍ଭର କରୁଥିବା ଚର୍ଚ୍ଚା ହେଉଛି। ତେବେ ଜିଲା ପରିଷଦ ଆସନକୁ ପୁଣି ଥରେ ବଜାୟ ରଖିବା ପାଇଁ ଜୋରଦାର ରଣନୀତି ଜାରି ରଖିଛି ଭାଜପା। ଭାଜପା ପ୍ରାର୍ଥୀ ତୃଣମୂଳ ସ୍ତରରେ କର୍ମୀମାନଙ୍କ ସହ ଆଲୋଚନା କରି ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଅନ୍ୟ ପକ୍ଷରେ ବିଜେଡି ୧୪ନଂ. ଜୋନର ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇ ମନ ଜିଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଜେଏମ୍‌ଏମ୍ ଓ କଂଗ୍ରେସ ପ୍ରାର୍ଥୀ ଘରକୁ ଘର ବୁଲି ମତଦାତାଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏପରି ସ୍ଥିତିରେ ଶାସକ ବିଜେଡି ଲୋକପ୍ରିୟତାର ସଫଳତା ଜାରି ରଖିବ ନା ବିରୋଧୀଙ୍କ ଚକ୍ରବ୍ୟୂହରେ ଫସିଯିବ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ନିର୍ବାଚନ ସମୟରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଯେପରି କୌଣସି ପ୍ରକାର ମନୋମାଳିନ୍ୟ ତଥା ଅନ୍ତର୍ଦ୍ୱନ୍ଦ୍ୱ ନ ଘଟେ ସେଥିପ୍ରତି ଉଭୟ ବିଜେଡି ଓ ଭାଜପା ଉଭୟ ପକ୍ଷରୁ ଅଧିକ ଧ୍ୟାନ ଦିଆଯାଉଛି।

